# ଲୁଚିଛି ନା ଗୋଡ଼ ଦିଂଟା ଦିଶୁଛି!

୦୬/୧୨/୨୦୦୩

**ଆମ ଘରର ହାଲ୍‌ଚାଲ୍**

ସୌମ୍ୟରଂଜନ ପଟ୍ଟନାୟକ

ଓଡ଼ିଶାରେ ଅନେକ ରକମର ଦୁର୍ନୀତି କଥା ଶୁଣିଥିଲୁ । କିନ୍ତୁ ସମ୍ବାଦପତ୍ର ଦୁର୍ନୀତି ସମ୍ପର୍କରେ କେବେ କିଛି ଶୁଣି ନ ଥିଲୁ । ସମ୍ବାଦପତ୍ରମାନେ ନିଜକୁ ଚତୁର୍ଥ ସ୍ତମ୍ଭ ବୋଲି କହି ଆମ ବ୍ୟବସ୍ଥାର ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାର ଦାୟିତ୍ୱ ନେଇଥାଆନ୍ତି । ନିଜେ ଯଦି ସମ୍ବାଦପତ୍ରମାନେ ଦୁର୍ନୀତିରେ ଲିପ୍ତ ରହିବେ ତାହାହେଲେ ତାଙ୍କର ଦୁର୍ନୀତି ବିରୋଧୀ ସ୍ୱର ଉତ୍ତୋଳନକୁ ବିଶ୍ୱାସ କରିବ କିଏ? ସର୍ବପୁରାତନ ଖବରକାଗଜର ଏ ପ୍ରକାର ଆହ୍ୱାନକୁ ଆମେ ସ୍ୱାଗତ କରୁଛୁ । ତେବେ ଗୋଟିଏ ପ୍ରଶ୍ନ ଆମକୁ ଏ ସମ୍ପର୍କରେ ଟିକିଏ ବିବ୍ରତ କରୁଛି । ସର୍ବପୁରାତନ ଖବରକାଗଜ ବଡ଼ଭାଇ ଭାବରେ ଓଡ଼ିଶାର ଖବରକାଗଜ ଶିଳ୍ପର ସ୍ୱାଭାବିକ ନେତୃତ୍ୱ ନେବା କଥା । ଅତୀତରେ ଏ ସମ୍ପର୍କରେ କୌଣସି ଉଦ୍ୟମ ନ କରି ହଠାତ୍ ଖବରକାଗଜ ଦୁର୍ନୀତି ସମ୍ପର୍କରେ ସଚେତନ ହୋଇ ଉଠିବାର କାରଣ କ'ଣ? ଆମର କାହିଁକି ମନେ ହେଉଛି ନିକଟ ଅତୀତରେ ସର୍ବପୁରାତନ ଖବରକାଗଜର ସ୍ଥିତି ବିପନ୍ନ ହୋଇଥିବା ଦୃଷ୍ଟିରୁ କୌଣସି ଉପାୟରେ ଆତ୍ମରକ୍ଷା ପାଇଁ ଏଭଳି ଉଦ୍ୟମ କରୁଛନ୍ତି । ସତ କଥାଟି ଯେତେବେଳେ ଅସୁବିଧାଜନକ ହୁଏ, ନିଜର ଦୁର୍ବଳତାକୁ ଘଣ୍ଟ ଘୋଡ଼ାଇବା ପାଇଁ ବିଭ୍ରାନ୍ତି ସୃଷ୍ଟି କରିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନ ଥାଏ । ଖବରକାଗଜମାନଙ୍କର ପ୍ରସାରଣ ସଂଖ୍ୟାକୁ ସ୍ୱୀକୃତି ଦେବାପାଇଁ ସମ୍ବାଦପତ୍ର ଏବଂ ବିଜ୍ଞାପନଦାତାମାନେ ଏକ ନିରପେକ୍ଷ ସଂସ୍ଥା ଗଠନ କରିଛନ୍ତି । ଏହାକୁ ଅଡିଟ୍ ବ୍ୟୁରୋ ଅଫ୍ ସର୍କୁଲେସନ୍ (ଏବିସି) କୁହାଯାଏ । 'ଏବିସି' ପ୍ରତି ୬ ମାସରେ ଆବେଦନ କରିଥିବା ଖବରକାଗଜମାନଙ୍କର ପ୍ରସାରଣ ସଂଖ୍ୟାକୁ ସ୍ୱୀକୃତି ବା ମାନ୍ୟତା ଦେଇଥାଆନ୍ତି । ବହୁବର୍ଷ ଧରି ସର୍ବପୁରାତନ ଖବରକାଗଜ ଏହି ସଂସ୍ଥାଦ୍ୱାରା ସର୍ବାଧିକ ପ୍ରସାରିତ ଖବରକାଗଜର ମାନ୍ୟତା ପାଇ ଆସୁଥିଲା । ଏବେ ସେଇ ସଂସ୍ଥା ଯେତେବେଳେ ତାଙ୍କର ମାନ୍ୟତା ପ୍ରତ୍ୟାହାର କରି ଅନ୍ୟକୁ ଦେଉଛି, ସେତେବେଳେ ସ୍ୱାଭାବିକ ଭାବରେ ତାହା ଅସୁବିଧାଜନକ ମନେ ହେଉଛି । "ମୋ'ପୁଅ ଫାଷ୍ଟ ହେଲେ ସେ ମେଧାବୀ ଏବଂ ବିଶ୍ୱବିଦ୍ୟାଳୟ ଭଲ; କିନ୍ତୁ ପଡ଼ୋଶୀ ପୁଅ ଫାଷ୍ଟ ହେଲେ ସେ କପି କରିଥିବ ନତୁବା ବିଶ୍ୱବିଦ୍ୟାଳୟର ପ୍ରଫେସରମାନଙ୍କୁ ଧରାଧରି କରିଥିବ" ଏଭଳି ମାନସିକତା ଆମ ରାଜନୀତିରେ ଥିଲା, ସାହିତ୍ୟ ସଂସ୍କୃତିକୁ ବ୍ୟାପିଥିଲା । ଏବେ ଆମ ଖବରକାଗଜବାଲାଙ୍କୁ ମଧ୍ୟ ସଂକ୍ରମଣ କଲାଣି । ଅନ୍ୟକୁ ଛୋଟ କରି ଦେଖିବାର ମନୋବୃତ୍ତି ପରିହାର ନ କଲେ ଆମେ ସବୁଦିନ ଛୋଟ ହୋଇ ରହିଯିବା । ପଛକୁ ପଛକୁ ଯିବା ସିନା, ଆଗେଇ ପାରିବା ନାହିଁ । ସର୍ବପୁରାତନ ଖବରକାଗଜ ଯେଉଁସବୁ କଥା କହି ଦୁର୍ନୀତିର ପ୍ରସଙ୍ଗ ଉଠାଇଛନ୍ତି, ସେଗୁଡ଼ିକ ଅତ୍ୟନ୍ତ ପ୍ରାସଙ୍ଗିକ । ଛପା ସଂଖ୍ୟା ଅନୁପାତରେ କାଗଜ କିଣା, ଛାପାଖାନାର ସାମର୍ଥ୍ୟ, ବିଦ୍ୟୁତ ଶୁଳ୍କ ଏବଂ କର୍ମଚାରୀ ସଂଖ୍ୟା ଇତ୍ୟାଦି ଇତ୍ୟାଦି । ଏଠାରେ ମନେ ରଖିବାକୁ ହେବ ଯେ, 'ଏବିସି' ମଧ୍ୟ ଏହିସବୁ କଥାକୁ ଦୃଷ୍ଟିରେ ରଖି ତାଙ୍କର ଅଡିଟ୍ କରିଥାଆନ୍ତି । ତା'ସତ୍ତ୍ୱେ ସର୍ବପୁରାତନ ଖବରକାଗଜ ଆଉ ଏବେ ସର୍ବାଧିକ ପ୍ରସାରିତ ଖବରକାଗଜ ହୋଇ ରହିନାହିଁ । ଏକଥା ସ୍ୱାଭାବିକ ଭାବରେ ଅସ୍ୱସ୍ତିକର ହେଉଛି । ତେବେ ଏଭଳି ପରିସ୍ଥିତିରେ ସହାନୁଭୂତି ପ୍ରକଟ କରିବା ଛଡ଼ା ଆମର ବା ଆଉ କ'ଣ କରିବାର ଅଛି? ଏବିସି ସଂସ୍ଥା ଯଦି ଦୁର୍ନୀତିଯୁକ୍ତ ତେବେ ପ୍ରସାରଣ ସଂଖ୍ୟାର ମାପକାଠି ଏବଂ ଏ ସାର୍ଟିଫିକେଟ ଦେବ କିଏ? ଏ ସମ୍ପର୍କରେ ସାଧାରଣ ପାଠକ ଏବଂ ବିଜ୍ଞାପନଦାତା ଯଥେଷ୍ଟ ସଚେତନ । ସେମାନଙ୍କୁ ନିଜ ଢୋଲ ନିଜେ ପିଟିବା ଭଳି କାର୍ଯ୍ୟକ୍ରମ ଆଦୌ ପ୍ରଭାବିତ କରିବ ନାହିଁ । କିନ୍ତୁ ଆମମାନଙ୍କର କେତୋଟି ଆଚରଣ ସେମାନଙ୍କୁ ବେଶ୍ ଆମୋଦିତ କରୁଛି । ଆଜି ପ୍ରତିଯୋଗିତାମୂଳକ ବଜାରରେ ଅଧିକ ପ୍ରସାରଣ ସଂଖ୍ୟା ହାସଲ ପାଇଁ କିଏ ଉପହାର ବା ଲାଞ୍ଚ ଦେଉଛି ତ କିଏ ଚାଞ୍ଚଲ୍ୟକର ତାହା ମିଛ ଖବର ଛାପୁଛି । ଅନ୍ୟ କିଏ ଜଗନ୍ନାଥଙ୍କର ମହାପ୍ରସାଦ ସହିତ ନିଜକୁ ତୁଳନା କରି ବିଜ୍ଞାପନ ଦେବା ସହିତ ଓଡ଼ିଶାର ସମସ୍ତ ଓଡ଼ିଆ ପାଠକଙ୍କ ନାମ ବିପିଏଲ୍ ଲିଷ୍ଟରେ ଲେଖାଇ ସମ୍ବାଦପତ୍ରର ମୂଲ୍ୟହ୍ରାସ କଥା କହୁଛି ତ ପ୍ରତିଯୋଗିତାର ଚାପରେ ପ୍ରତିଦ୍ୱନ୍ଦ୍ୱୀର ଏକାଧିକ ସଂସ୍କରଣ ଆଦି ରଣକୌଶଳକୁ ଅନୁକରଣ କରିବା ପାଇଁ ବାଧ୍ୟ ହେଉଛି । ଏହା ସବୁ ଦିବାଲୋକରେ ଘଟୁଛି ଏବଂ ସମସ୍ତେ ଦେଖୁଛନ୍ତି, ଜାଣୁଛନ୍ତି । ତେଣୁ ଆମର ସୁଯୋଗ୍ୟ ପ୍ରତିଦ୍ୱନ୍ଦ୍ୱୀମାନେ ବିଲେଇ ଆଖିବୁଜି କ୍ଷୀର ପିଇଲା ଭଳି ଆଚରଣ ପ୍ରଦର୍ଶନ ନ କରି ପ୍ରତିଦ୍ୱନ୍ଦ୍ୱିତାକୁ ଗ୍ରହଣ କରି ନେଇ ସମ୍ମୁଖ ଲଢ଼େଇ କଲେ ଅଧିକ ସମ୍ମାନଜନକ ହେବ । ସମ୍ବାଦପତ୍ର ଦୁର୍ନୀତି ବିରୋଧରେ ଅଭିଯାନ କରିବାକୁ ହେଲେ ଗୋଟିଏ ଦୁଇଟି ପ୍ରସ୍ତାବ ମାତ୍ର ସୁଯୋଗ୍ୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଦେଉଛୁ । ସମ୍ବାଦପତ୍ରର ବିକ୍ରୟ ମୂଲ୍ୟ ସମାନ ରଖିବାପାଇଁ ସମସ୍ତେ ସଙ୍କଳ୍ପ ନିଅନ୍ତୁ । ପାଠକର ମନ କିଣିବାପାଇଁ ପୃଷ୍ଠା ବୃଦ୍ଧି କରାଯାଉ, କିନ୍ତୁ ସମ୍ବାଦପତ୍ରର ମୂଲ୍ୟ ହ୍ରାସ କରା ନ ଯାଉ । କାହାର ପ୍ରସାର ସଂଖ୍ୟା କେତେ, ସେ ବିଷୟରେ ଜାଣିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ନ ହୋଇ ଆମର ଏ ଖୋଲା ଆହ୍ୱାନକୁ ଗ୍ରହଣ କରାଯାଉ । 'ସମ୍ବାଦ'ର ମୁଦ୍ରଣ ସମୟରେ ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀ ଆମର ଛାପାଖାନାକୁ ଆସନ୍ତୁ ଏବଂ ନିଜ ଆଖିରେ ଦେଖି ନିଅନ୍ତୁ କେତେ ଛପା ହେଉଛି । ଗଲାବେଳେ ଆମକୁ ମଧ୍ୟ ତାଙ୍କ ଛାପାଖାନା ଯାଇ ଦେଖିଆସିବା ପାଇଁ ଅନୁମତିପତ୍ରଟିଏ ଦେଇଯାଆନ୍ତୁ । ତାହାହେଲେ ଅସଲ କଥା ପଦାରେ ପଡ଼ିଯିବ । ପରସ୍ପରର ନିନ୍ଦାଗାନ କରି କିଛି ଲାଭ ହେବ ନାହିଁ ।